RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -40 | ସଂଖ୍ୟା-୪୦
ଭୁବନେଶ୍ୱର, ଶନିବାର ୧୮ ଏପ୍ରିଲ୍ ୨୦୨୬
Bhubaneswar, Saturday 18 April, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ନିର୍ବାଚନୀ ମାନଚିତ୍ରକୁ ବଦଳାଇବା ପାଇଁ ଉଦ୍ୟମ : ରାହୁଲ

ନୂଆଦିଲ୍ଲୀ,୧୭।୪: ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପରେ ଜୋରଦାର ବର୍ଷିଛନ୍ତି। ମହିଳା ସଂରକ୍ଷଣ ବିଲ ଓ ସୀମା ନିର୍ଦ୍ଧାରଣକୁ ଯୋଡି ସରକାର ଭାରତର ନିର୍ବାଚନୀ ମାନଚିତ୍ରକୁ ବଦଳାଇବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗ

କରିଛନ୍ତି ।ତାଙ୍କ କହିବା କଥା ଯେ ମହିଳା ସଂରକ୍ଷଣ ବିଲ ୨୦୨୩ରେ ପାରିତ ହୋଇଥିଲା। ସେଇଟା ଥିଲା ପ୍ରକୃତ ବିଧେୟକ। ସରକାର ତାଙ୍କୁ ଆଣିଲେ ସମସ୍ତେ ସମର୍ଥନ କରିବେ। ଏବେ ସରକାର ମହିଳା ସଂରକ୍ଷଣ ନାଁରେ ସୀମା ପୁନଃ ନିର୍ଦ୍ଧାରଣ ଲାଗୁ କରିବାକୁ ଚାହୁଁଛନ୍ତି। ରାଜନୀତିକ ସୀମାକୁ ପୁଣି ଧାର୍ଯ୍ୟ କରିବାକୁ ସରକାର ଚାହୁଁଥିବା ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି। ଶାସକ ଭାରତୀୟ ଜନତା ପାର୍ଟିକୁ ଟାର୍ଗେଟ କରି ସେ ଦାବି କରିଛନ୍ତି ଯେ ଦଳ ଦେଶର ରାଜନୀତିକ ମାନଚିତ୍ରକୁ ପୁଣି ତିଆରି କରିବାକୁ ଉଦ୍ୟମ କରୁଛି। ଆସାମ ଓ ଜମ୍ମୁ-କଶ୍ମୀର ସହ ଘଟିଥିବା ଘଟଣା ଅଦ୍ଭୁତ ରହିଥିଲା। ଜାତୀୟ ସ୍ତରରେ ସମାନ ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ। ଏହା ପ୍ରତିନିଧିତ୍ୱ ଉପରେ ସାଂଘାତିକ ପ୍ରଭାବ ପ୍ରକାଇବ।

ରାହୁଲଙ୍କ ମତରେ ଏପରି ପଦକ୍ଷେପ ଦକ୍ଷିଣ ଭାରତ, ଉତ୍ତରପୂର୍ବ ଭାରତ ଓ ଛୋଟ ଛୋଟ ରାଜ୍ୟର ସ୍ୱରକୁ ଦାବି ଦେବ। ସେ କହିଛନ୍ତି, "ଆପଣ ପୂର୍ବୋତ୍ତର ରାଜ୍ୟଗୁଡିକୁ, ଆପଣ ଭାରତର ଛୋଟ ରାଜ୍ୟଗୁଡିକୁ କହିବାକୁ ଚାହୁଁଛନ୍ତି ଯେ ବିଜେପି କ୍ଷମତାରେ ରହିବା ପାଇଁ ଆମେ ଆପଣମାନଙ୍କ ଠାରୁ ପ୍ରତିନିଧିତ୍ୱ ଛଡାଇ ନେବୁ।ଏହା ଦେଶ ବିରୋଧୀ କାମ ଛଡା କିଛି ନୁହେଁ। ପ୍ରଥମ ସତ ହେଲା, ଏହା ମହିଳା ସଂରକ୍ଷଣ ବିଧେୟକ ନୁହେଁ। ଏହା ସହ ମହିଳା ସଶକ୍ତୀକରଣର କୌଣସି ନେଣଦେଣ ନାହିଁ। ଏହାର ଭାରତର ନିର୍ବାଚନୀ ମାନଚିତ୍ରକୁ ବଦଳାଇବା ପାଇଁ ପ୍ରୟାସ।" ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ ଜାତିଭିତ୍ତିକ ଜନଗଣନାକୁ ବାଇପାସ କରିବା ଓ ପଛୁଆ ବର୍ଗର ପ୍ରତିନିଧିତ୍ୱ ଉପରେ କଟକଣା ଲାଗୁ କରିବା ପାଇଁ ଏହା ଗୋଟିଏ ଉଦ୍ୟମ।

ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ୫ଦିନ ପାଇଁ ସ୍କୁଲ ଛୁଟି

ଭୁବନେଶ୍ୱର,୧୭।୪(ନି.ପ୍ର.): ତୀବ୍ର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜି ବଲାଙ୍ଗୀର ଓ ସୋନପୁର (ସୁବର୍ଣ୍ଣପୁର) ଜିଲ୍ଲାର ଜିଲ୍ଲାପାଳ ଚଳିତ ମାସ ୧୮ରୁ ୨୨ ତାରିଖ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକ ନିମନ୍ତେ ଛୁଟି ଘୋଷଣା କରିଛନ୍ତି। ପାଣିପାଗ ବିଭାଗର ସୂଚନାନୁସାରେ, ଆଜି ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲାରେ ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରିର ଅଧିକ ରହିଛି। ଭବାନୀପାଟଣା (କଳାହାଣ୍ଡି)ରେ ଦିନର ସର୍ବାଧିକ ତାପମାତ୍ର ୪୪ ଡିଗ୍ରି ରହିଥିବା ବେଳେ ବଲାଙ୍ଗୀର ୪୪ଡିଗ୍ରି ଓ ଟିଟିଲାଗଡ ୪୪ଡିଗ୍ରି, ନୂଆପଡା ୪୨ ଡିଗ୍ରି, ବୌ?ଦ୍ଧ ଓ ସୋନପୁର ୪୨ ଡିଗ୍ରି ରହିଛି। ସେହିଭଳି ବଡଗଡ ୪୨ ଡିଗ୍ରି, ଝାରସୁଗୁଡା ୪୩ ଡିଗ୍ରି, ସୁନ୍ଦରଗଡ ୪୧, ରାଉରକେଲା ୪୧ ଡିଗ୍ରି, ସମ୍ବଲପୁର ୪୪ ଡିଗ୍ରି ରେକର୍ଡ କରାଯାଇଛି। ଏହି ତାପମାତ୍ରା ୨୧ ତାରିଖ ଯାଏଁ ବଳବତ୍ତର ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ଲୋକସଭାରେ ଫେଲ ମାରିଲା ମହିଳା ସଂରକ୍ଷଣ ବିଲ୍

ନୂଆଦିଲ୍ଲୀ,୧୭।୪: : ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଲାଗିଛି ବଡ ଝଟକା। ଲୋକସଭାରେ ଏନଡିଏ ସରକାର ମହିଳା ସଂରକ୍ଷଣ ବିଲ୍ ପାରିତ କରିବାରେ ବିଫଳ ହୋଇଛି। ୧୩୧ତମ ସମ୍ବିଧାନ ବିଲ୍ ଜରିଆରେ କେନ୍ଦ୍ର ସରକାର ତତ୍କାଳ ମହିଳା ସଂରକ୍ଷଣ ବିଲ ଲାଗୁ କରିବାକୁ ଲକ୍ଷ୍ୟ ରଖିଥିଲେ। ମହିଳା ସଂରକ୍ଷଣକୁ ସୀମା ପୁନଃ ନିର୍ଦ୍ଧାରଣ ସହ ଯୋଡିଥିଲେ।

ହେଲେ ଏହି ବିଲ୍ ଲୋକସଭାରେ ଆବଶ୍ୟକ ଦୁଇ ତୃତୀୟାଂଶ ମତ ହାସଲ କରିପାରି ନାହିଁ। ସମ୍ବିଧାନ ସଂଶୋଧନ ବିଲ ସପକ୍ଷରେ ୨୯୮ ଭୋଟ ପଡିଥିବା ବେଳେ ବିପକ୍ଷରେ ୨୩୦ ଖଣ୍ଡ ଭୋଟ ପଡିଛି। ଅର୍ଥାତ ୫୨୮ ଜଣ ସାଂସଦ ଆଜିର ଭୋଟିଂରେ ସାମିଲ ହୋଇଥିଲେ। ସମ୍ବିଧାନ ସଂଶୋଧନ ବିଲ ପାରିତ ହେବାକୁ ୩୨୬ ଖଣ୍ଡ ଭୋଟର ଆବଶ୍ୟକ ରହିଥିଲା। କିନ୍ତୁ ଏନଡିଏ ଏହାକୁ ହାସଲ କରିବାରେ ବିଫଳ ହୋଇଛି। ଏଥିଯୋଗୁ ସମ୍ବିଧାନ ସଂଶୋଧନ ବିଲ ଲୋକସଭାରେ ଗୃହୀତ ହୋଇ ପାରନାହିଁ।

ଏହି ସମ୍ବିଧାନ ସଂଶୋଧନ ବିଲ ସହ ସରକାର ସୀମା ପୁନଃ ନିର୍ଦ୍ଧାରଣ ଓ କେନ୍ଦ୍? ଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ ୨୦୨୬ ମଧ୍ୟ ଆଣିଥିଲେ। ସମ୍ବିଧାନ ସଂଶୋଧନ ବିଲ ସହ ଏହାକୁ ଯୋଡା ଯାଇଥିଲା। ହେଲେ ସମ୍ବିଧାନ ସଂଶୋଧନ ବିଲ ପାରିତ ହୋଇ ପାରି ନଥିବାରୁ ଉଭୟ ବିଲକୁ ମଧ୍ୟ ସରକାର ଆଗକୁ ଆଉ ବ?ଢାଇବାକୁ ମନା କରି ଦେଇଛନ୍ତି। ଅର୍ଥାତ କେନ୍ଦ୍ର ସରକାର ଆଣିଥିବା ୩ଟି ଯାକ ବିଲ ଲୋକସଭାର ଅନୁମୋଦନ ହାସଲ କରିପାରି ନାହିଁ। ବାଚସ୍ପତି ଓମ ବିର୍ଲା ଏହା ଘୋଷଣା କରିବା ସହ ଆସନ୍ତାକାଲି ଦିନ ୧୧ଟା ଯାଏ ଗୃହକୁ ସ୍ଥଗିତ ଘୋଷଣା କରିଛନ୍ତି।

ବିଲ୍ ପାରିତ ହୋଇଥିଲେ ମହିଳାଙ୍କ ପାଇଁ ସଂସଦ ଓ ରାଜ୍ୟ ବିଧାନସଭାରେ ୩୩% ଆସନ ସଂରକ୍ଷଣ ହୋଇଥାଆନ୍ତା। ସେହିପରି ଲୋକସଭାର ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ହୋଇଥାଆନ୍ତା। କିନ୍ତୁ ସରକାର ଏହା ସହ ସୀମା ନିର୍ଦ୍ଧାରଣକୁ ଯୋଡି ଥିବାରୁ ବିରୋଧୀ ଜୋରଦାର ବିରୋଧ କରିଥିଲେ। ବିଲ୍ ପାରିତ ହୋଇ ନଥିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମହିଳାଙ୍କୁ ସମ୍ମାନ ଦେବାକୁ ନରେନ୍ଦ୍ର ମୋଦି ସରକାର ବ୍ୟବସ୍ଥା କରିଥିଲେ ହେଁ ଏହାକୁ ବିରୋଧୀ ସମର୍ଥନ କରି ନାହାନ୍ତି। ସେମାନେ ଐତିହାସିକ ସୁଯୋଗ ହାତ ଛଡା କରିଛନ୍ତି। ହେଲେ ମୋଦି ସରକାର ମହିଳାଙ୍କ ସମ୍ମାନ ପାଇଁ ଲ??ଇ ଜାରି ରଖିବେ ବୋଲି ସେ ଘୋଷଣା କହିଛନ୍ତି। ସମ୍ବିଧାନ ସଂଶୋଧନ ବିଲ ଫେଲ ମାରିବାରୁ ରିଜିଜୁ ଅନ୍ୟ ଦୁଇ ବିଲ ସୀମା ପୁନଃ ନିର୍ଦ୍ଧାରଣ ବିଲ ଓ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ ମଧ୍ୟ ଆଗକୁ ନ ବ?ଢାଇବାକୁ ବାଚସ୍ପତିଙ୍କୁ କହିଛନ୍ତି।

ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବ□ନ ସମ୍ପର୍କରେ ଜିଲ୍ଲାପାଳ ମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ବୈଠକ

ଲାଷ୍ଟ ମାଇଲ ଡେଲିଭରୀ ଉପରେ ଫୋକସ କରିବାକୁ ପରାମର୍ଶ

ଭୁବନେଶ୍ୱର,୧୭।୪(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ଉପରେ ସମୀକ୍ଷା କରି ସାରର ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ପ୍ରତ୍ୟେକ ଚାଷୀ, କ୍ଷୁଦ୍ର ହୁଅନ୍ତୁ ବା ନାମମାତ୍ର, ସମସ୍ତେ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଜନିତ ପରିସ୍ଥିତି ଯୋଗୁ ସାର ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି। ତେଣୁ, ଖରିଫ ଋତୁରେ ଯେପରି ଚାଷୀ ଉଚିତ୍ ମୂଲ୍ୟରେ ଆବଶ୍ୟକତା ଅନୁଯାୟୀ ସାର ପାଇବେ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାପାଳ ମାନଙ୍କ ସହିତ ଭିଡିଓ କନ୍?ଫରେନ୍?ସିଂ ଜରିଆରେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ କୃଷି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାରର ଉପଲବ୍ଧତା ସମ୍ପର୍କରେ ଉପସ୍ଥାପନା ରଖି କହିଥିଲେ ଚଳିତ ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ ମେଟ୍ରିକ ଟନର ସାର ଯୋଗାଇଦେବେ। ଏପ୍ରିଲ ମାସ ପାଇଁ ୭୯,୬୩୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ, ଏପ୍ରିଲ ୧୫ ସୁଦ୍ଧା ୩,୬୧,୪୯୦ ମେଟ୍ରିକ ଟନ ସାର ଉପଲବ୍ଧ ଅଛି। ରାଜ୍ୟରେ ସାର ହୋଲସେଲର ବିକ୍ରେତା ମାନଙ୍କ ସଂଖ୍ୟା ୧୦୨୯ ଥିବାବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩ ଅଛି। ବିଭିନ୍ନ ସାର ଯୋଗାଣ କମ୍ପାନୀଙ୍କ ପକ୍ଷରୁ ସାର ଯୋଗାଣ ମଧ୍ୟ ଠିକ୍ ରହିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଡିଲର ପଏଣ୍ଟ ଯାଞ୍ଚ କରାଯାଇ ୬ଟି ଲାଇସେନ୍‌ସ ବାତିଲ୍ କରାଯାଇଛି। ବୈଠକରେ ସୂଚନା ଦିଆଯାଇଥିଲା ଯେ, କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ଫର୍ଟିଲାଇଜର ମ୍ୟାନେଜମେଣ୍ଟ ସିଷ୍ଟମ ଆରମ୍ଭ କରାଯାଇଛି। ଏଥିରେ ପ୍ରତ୍ୟେକ ଜିଲ୍ଲାର ଦୈନିକ ସାର ଉପଲବ୍ଧତା ଓ ଆବଣ୍ଟନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି।

ଜିଲ୍ଲାପାଳ ମାନଙ୍କ ସହିତ ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ୧.୬୭ ଲକ୍ଷ ମେଟ୍ରିକ ଟନ ୟୁରିଆ ଓ ୬୦ ହଜାର ମେଟ୍ରିକ ଟନରୁ ଅଧିକ ଡିଏପି ସାର ମହଜୁଦ ଅଛି। ତେବେ

ପରିସଂଖ୍ୟାନରେ ସୀମିତ ନରହି ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଛୋଟ ଚାଷୀ ହେଉ ବା ନାମମାତ୍ର, ବର୍ତ୍ତମାନ ସମୟରେ ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁରୂପ ସାର ପାଇବ ତାହାକୁ ଜିଲ୍ଲାପାଳ ମାନେ ସୁନିଶ୍ଚିତ କରନ୍ତୁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୬ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।

କଳାବଜାରୀ ଓ ସାର ମହଜୁଦକାରୀ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପାଇକାରୀ ଓ ଖୁଚୁରା ବିକ୍ରେତାଙ୍କ ଗୋଦାମକୁ ସମୟ ସମୟରେ ଯାଞ୍ଚ କରାଯାଉ। ଜିଲ୍ଲାପାଳ ମାନେ ହଠାତ ପରିଦର୍ଶନରେ ଯାଇ ଯାଞ୍ଚ କରନ୍ତୁ। ବେନିୟମ ସାର ମହଜୁଦକାରୀଙ୍କ ବିରୋଧରେ ରଓଜ କରି ସେମାନଙ୍କ ଲାଇସେନ୍ସ ବାତିଲ କରାଯାଉ ବୋଲି ସେ କହିଥିଲେ।

ସାର ଯୋଗାଣର ଏହି ପରିସ୍ଥିତି ସମୟରେ ଯେପରି ପଡୋଶୀ ରାଜ୍ୟକୁ ସାର ଚୋରାଚାଲଣ ନହୁଏ ସେଥିପାଇଁ ପୋଲିସ ଓ କୃଷି ବିଭାଗ ମିଳିତ ଭାବେ ସୀମାନ୍ତ ଅଞ୍ଚଳର ଚେକପୋଷ୍ଟ ଗୁଡିକ ଉପରେ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ରରକ୍ସଷସକ୍ଷସସ୍ବରକ୍ସ ଗକ୍ସଙ୍ଗରଙ୍କରଭସ୍ପ ଉକ୍ସଭସ୍ପକ୍ସକ୍ସକ୍ଷ ଙକ୍ସୟରକ୍ସ ଅନୁଯାୟୀ ପ୍ରତ୍ୟେକ ସନ୍ଦେହ ଜନକ ଗାଡିର ଯାଞ୍ଚ ହେବା ଜରୁରୀ।

ବେଳେବେଳେ ଶିଳ୍ପ କ୍ଷେତ୍ରରେ ରେଜିନ୍, ପ୍ଲାଇଉଡ କିମ୍ବା ପଶୁଖାଦ୍ୟ ଶିଳ୍ପକୁ ଚାଷପାଇଁ ଉଦ୍ଦିଷ୍ଟ ସବସିଡ୍ ଯୁକ୍ତ ୟୁରିଆ ଚୋରାଚାଲଣ ହେବାର ଆଶଙ୍କା ଥାଏ। ତେଣୁ, ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗୁଡିକ ଏହାର ଯାଞ୍ଚ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ପଞ୍ଚାୟତ ସ୍ତରରେ ସାରର ଉପଲବ୍ଧତା ଏବଂ ଯୋଗାଣ ବ୍ୟବସ୍ଥାକୁ ସୁନିୟନ୍ତ୍ରୀତ କରିବା କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ନିରୀକ୍ଷଣ ସମିତି (ନିଗ୍?ରାନୀ ସମିତି) ଗଠନ କରାଯାଉଛି। ସୂଚନାଯୋଗ୍ୟ ରାଜ୍ୟରେ ୬୭୯୪ଟି ଗ୍ରାମପଞ୍ଚାୟତ ଥିବା ବେଳେ, ତନ୍ମଧ୍ୟରୁ ୬୨୨୯ଟି ପଞ୍ଚାୟତରେ ଏହା ଗଠନ କରାଯାଇଛି। ବାକି ୫୬୫ଟି ପଞ୍ଚାୟତରେ ବାକି ଅଛି। ଏହାକୁ ଦୁଇ-ତିନ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଚାଷୀମାନେ ଯେପରି ସରକାରଙ୍କ ସମସ୍ତ ଯୋଜନାର ସୁଫଳ ଠିକ୍ ଭାବେ ପାଇପାରିବେ ସେଥିପାଇଁ ଚାଷୀମାନଙ୍କର ଡିଜିଟାଲ ପଞ୍ଜୀକରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୪୪ ଲକ୍ଷ ଚାଷୀଙ୍କ ମଧ୍ୟରୁ ୧୫ ଲକ୍ଷ ଚାଷୀଙ୍କର ଊସଶସସ୍ବବକ୍ଷ ରବକ୍ସଙ୍କରକ୍ସ ଓଉ କରାଯାଇଛି। ଏହାକୁ ମିଶନ ମୋଡରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଚାଷୀ ସମସ୍ତ ପ୍ରକାର ସରକାରୀ ସୁବିଧା ଓ ସହାୟତା ଠିକ୍ ଭାବେ ପାଇବା ସହିତ ସାର ବଣ୍ଟନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସିପାରିବ।

ଚାଷୀମାନଙ୍କୁ ୟୁରିଆ ପରି ଅଧିକ କେମିକାଲ ସାର ବ୍ୟବହାର ନକରି ସନ୍ତୁଳିତ ସାର ପ୍ରୟୋଗ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜୈବିକ ସାର, ନାନୋ ୟୁରିଆ ପ୍ରଭୃତି ବିକଳ୍ପ ସାର ବ୍ୟବହାର କରିବା ପାଇଁ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ମାନଙ୍କରେ ସାରର ଷ୍ଟକ୍ ପରିମାଣ ଓ ଏହାର ଦାମ୍ ସଂପର୍କରେ ତଥ୍ୟ ପ୍ରଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଯେପରି ବୁଝି ପାରିବେ, ତାକୁ ଧ୍ୟାନରେ ଓଡ଼ିଆ ଭାଷାରେ ବଡ ବଡ ଅକ୍ଷରରେ ଏହି ତଥ୍ୟ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ।

ଏହା ସହିତ ରାଜ୍ୟର ପ୍ରତ୍ୟେକ ସବ୍ ଡିଭିଜନ ରେ ଥିବା ଇଲେକ୍ଟ୍ରିକ୍ ଡିସପ୍ଲେ ବୋର୍ଡରେ ମଧ୍ୟ ଏହି ତଥ୍ୟ ପ୍ରଦର୍ଶିତ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ଯେ, କେନ୍ଦ୍ର ସରକାର ରାଜ୍ୟ ସରକାର ମାନଙ୍କୁ ମଝିରେ ମଝିରେ ସାର ସମ୍ପର୍କରେ ପରାମର୍ଶ ଦେଉଛନ୍ତି। କୃଷି ବିଭାଗ ଅଧିକାରୀମାନେ ଏହାକୁ ଅନୁସରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି ଅଧିକାରୀମାନଙ୍କୁ ସାର ବଣ୍ଟନ ବ୍ୟବସ୍ଥା ସୁନିୟନ୍ତ୍ରୀତ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ ଏବଂ କୃଷି ଓ ସମବାୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ହର୍ମୋଜ ପ୍ରଣାଳୀ ମୁକ୍ତ କଲା ଇରାନ

ତେହେରାନ/ବେରୁତ: ପଶ୍ଚିମ ଏସିଆରେ ବଢ଼ି ଚାଲିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏକ ବଡ଼ ଧରଣର କୂଟନୈତିକ ସଫଳତା ମିଳିଛି। ଇସ୍ରାଏଲ ଓ ଲେବାନନ ମଧ୍ୟରେ ଅସ୍ତବିରତି ଘୋଷଣା ହେବା ପରେ ଇରାନ ଏହାର ଗୁରୁତ୍ୱପୂର୍ଣ୍ଣ ଜଳପଥ 'ହର୍ମୁଜ ପ୍ରଣାଳୀ' କୁ ବାଣିଜ୍ୟିକ କାରବାର ପାଇଁ ସମ୍ପୂର୍ଣ୍ଣ ଖୋଲି ଦେଇଛି। ଇରାନର ଏହି ପଦକ୍ଷେପ କେବଳ ଏକ ସାମରିକ ବିରତି ନୁହେଁ ବରଂ ବିଶ୍ୱ ଅର୍ଥନୀତି ପାଇଁ ବଡ ଆଶ୍ୱସ୍ତିର କାରଣ ହୋଇଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ପରିବହନ ଏହି ପଥ ଦେଇ ହେଉଥିବାରୁ, ଇରାନର ଏହି ଆଭିମୁଖ୍ୟ ପଛରେ ଉଭୟ ରଣନୈତିକ ଚାପ ଏବଂ କୂଟନୈତିକ ବୁଝାମଣା ରହିଥିବା ବିଶ୍ଳେଷକମାନେ ମତ ଦେଉଛନ୍ତି। ଲେବାନନ ସୀମାରେ ଅସ୍ତବିରତି ଲାଗୁ ହେବା ସହ ଏହା ସହିତ ତାଳ ଦେଇ ଇରାନ ଅସ୍ତବିରତି ସମୟସୀମା ଶେଷ ହେବା ପର୍ଯ୍ୟନ୍ତ ହର୍ମୁଜ ପ୍ରଣାଳୀକୁ ଖୋଲିବାକୁ ଘୋଷଣା କରିଛି। ଗତ କିଛି ଦିନ ହେବ ଆମେରିକାର ଅବରୋଧ ଯୋଗୁଁ ଅଟକି ରହିଥିବା ଇରାନର ତୈଳ ଟ୍ୟାଙ୍କରଗୁଡ଼ିକ ଏବେ ଗନ୍ତବ୍ୟ ସ୍ଥଳକୁ ଯାତ୍ରା ଆରମ୍ଭ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ଇସ୍ରାଏଲ-ଲେବାନନ ମଧ୍ୟରେ ଏକ ଅସ୍ଥାୟୀ ବୁଝାମଣା ହୋଇଥିବାରୁ ଏହାକୁ ସମ୍ମାନ ଦେଇ ଇରାନ ମଧ୍ୟ ବଡ ପଦକ୍ଷେପ ଗ୍ରହଣ କରିଛି।

ଛାତ୍ରୀ ମୃତ୍ୟୁ ଘଟଣାରେ ପ୍ରଧାନ ଶିକ୍ଷକ ନିଲମ୍ବିତ

ପାରଳାଖେମୁଣ୍ଡି: ରୁବୁଡି ସିଂ ବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ, ପ୍ରଧାନ ଶିକ୍ଷକ ସେତୋ ରାଇକା ନିଲମ୍ବିତ ହୋଇଛନ୍ତି। ଠିକାଦାରଙ୍କ ବିରୋଧରେ ଉଦୟଗିରି ଥାନାରେ ମାମଲା ରୁଜୁ କରାଯାଇଛି।

ଡାହୁକ

କଥା ବଡ ବଡ କାମରେ ଶୂନ
ଭୋଟର ପ୍ରଚାର ହିସାବ ମଗାରେ
ଟହଲ ମାରିକି କାଟନ୍ତି ଦିନ
ଅଦାନୀ ଅମ୍ବାନୀ ସାଥେ ଭାଇ ଭାଇ
ଭିଡିକିଆ ଭାବ ଭାଗି ବଢ଼ିଆ
ଦେଶ ସମ୍ପତ୍ତିକୁ ଯେତେ ଲୁଟିଲେବି
ଅନ୍ଧ ଭକତଙ୍କୁ ନାହିଁ ଅଡୁଆ
-ବିଧୁ

ଅନୁଗୋଳ ଜିଲ୍ଲାରେ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଅନୁଗୋଳ,୧୭।୪(ନି.ପ୍ର.): ନାରୀ କେବଳ ପରିବାରର ନୁହେଁ, ସମାଜ ଓ ଜାତିର ମୂଳ ଶକ୍ତି ଭାବେ ପରିଚିତ। ନାରୀଶକ୍ତିର ବିଶାଳ ସମାଗମ ଭବିଷ୍ୟତ ଓଡ଼ିଶାର ଉନ୍ନତି ପାଇଁ ଏକ ସକାରାତ୍ମକ ସଙ୍କ?ତ ବୋଲି ଅନୁଗୋଳରେ ଆୟୋଜିତ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରି କହିଥିଲେ ଯେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ। ସେ କହିଥିଲେ ଯେ ନାରୀଙ୍କ ଉନ୍ନତି ବିନା ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ ଓ ନାରୀ ସଶକ୍ତିକରଣ ହେଉଛି ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ମୂଳ ଆଧାର। ନାରୀ ଶକ୍ତି ବନ୍ଦନ ବିଲ୍‌କୁ ବିରୋଧ ଅର୍ଥ ନାରୀ ଶକ୍ତିର ଅସମ୍ମାନ। ଏହାର ବିରୋଧ ହେଉଛି ନାରୀ ସଶକ୍ତିକରଣର ବିରୋଧ। ଏହାକୁ ନାରୀ ସମାଜ କେବେ କ୍ଷମା ଦେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାରତୀୟ ସଂସ୍କୃତିରେ ନାରୀଙ୍କ ସମ୍ମାନ ଓ ପୂଜାର ପରମ୍ପରାକୁ ଉଲ୍ଲେଖ କରି କହିଥିଲେ ଯେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ" ବାକ୍ୟ ଆମ ସମାଜର ମୂଲ୍ୟବୋଧକୁ ପ୍ରକାଶ କରେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି 'ମହିଳାଙ୍କ ନେତୃତ୍ୱରେ ବିକାଶ' ଆଜି ଦେଶର ମହିଳାମାନଙ୍କୁ ନୂଆ ଦିଗ ଦେଉଛି। ମହିଳାମାନେ ଆଜି ଶିକ୍ଷା, ସୁରକ୍ଷା, ବିଜ୍ଞାନ, କ୍ରୀଡା ଓ ପ୍ରଶାସନ ସମେତ ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସେ ନାରୀଶକ୍ତିର ପ୍ରେରଣାଦାୟୀ ପ୍ରତୀକ ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକ ପାତ କରି କହିଥିଲେ ଯେ "ସୁଭଦ୍ରା" ଯୋଜନା ମାଧ୍ୟମରେ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବା, "ଲକ୍ଷପତି ଦିଦି" ପରି ଉଦ୍ୟମ ମାଧ୍ୟମରେ ଆତ୍ମନିର୍ଭରତା ବୃଦ୍ଧି କରିବା ଓ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" ମାଧ୍ୟମରେ ଅଭାବୀ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଉଛି ବୋଲି କହିଥିଲେ । ସୁଭଦ୍ରା ହିତାଧିକାରୀ ବଆଁରପାଳ ବ୍ଲକ୍ ର ଅଧିବାସୀ ତିଳୋତ୍ତମା ସାମନ୍ତ ଙ୍କ ସହ ବାର୍ତ୍ତାଳାପ କରି ସୁଭଦ୍ରା ଯୋଜନା ରୁ ଗୋପାଳନ କରି କିପରି ଆତ୍ମନିର୍ଭର ହୋଇପାରିଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅନୁଗୋଳ ଜିଲ୍ଲାରେ ୯୦ ହଜାରରୁ ଅଧିକ ଲକ୍ଷପତି ଦିଦି ଥିବାବେଳେ ସମଗ୍ର ରାଜ୍ୟରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଏହାଛଡ଼ା "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"ରେ ୩୮୮ ଜଣ କନ୍ୟାଙ୍କ ବିବାହ ପାଇଁ ୧.୭୧ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଛି ଏବଂ ଆଗାମୀ ବର୍ଷ ପାଇଁ ୧୧.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି କହିଥିଲେ ।ସେ ଆହୁରି କହିଥିଲେ ଯେ ଚଳିତ ବଜେଟରେ ମହିଳାଙ୍କ ପାଇଁ ୧.୨୨ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ଓ ଗତ ବର୍ଷ ତୁଳନାରେ ଜେଣ୍ଡର ବଜେଟିଂରେ ୩୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ମହିଳାଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗିତାକୁ ଆହୁରି ଶକ୍ତିଶାଳୀ କରିବ।ଏହି ଅବସରରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜୋନ ୨୮ ଜିଲ୍ଲା ପରିଷଦ ମୀରା ଗଡ଼ନାୟକ, ଏନଏସି ଭାଇସ୍ ଚେୟାରମ୍ୟାନ୍ ଅନୁପମା ସାହୁ, ଅନୁଗୋଳ ଜିଲାପାଳ ଅବ୍?ଦାଲ୍ ମୁହମ୍ମଦ୍ ଅଖ୍?ତର ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱର ସର୍ବବୃହତ୍ତ ଅର୍ଥନୀତି
୬ଷ୍ଠକୁ ଖସିଲା ଭାରତ

ନୂଆଦିଲ୍ଲୀ,୧୭।୪: ନୋମିନାଲ ଜିଡିପିରେ ଭାରତ ଆଉ ବିଶ୍ୱର ଟପ୍ ସର୍ବବୃହତ୍ତ ଅର୍ଥନୀତିକ ରାଷ୍ଟ୍ର ମଧ୍ୟରେ ନାହିଁ। ଭାରତ ଏବେ ୬ଷ୍ଠ ସ୍ଥାନକୁ ଖସି ଯାଇଛି। ଅନ୍ତର୍ଜାତୀୟ ମନିଟାରୀ ଫଣ୍ଡର ସଦ୍ୟତମ ବିଶ୍ୱ ଅର୍ଥନୀତି ଆଉଟଲୁକରେ ଏପରି ଆକଳନ କରାଯାଇଛି। ଆଇଏମଏଫର ଏପ୍ରିଲ ୨୦୨୬ ବିଶ୍ୱ ଅର୍ଥନୀତି ଆଉଟଲୁକ ଆଧାରରେ ଭାରତ ଏବେ ବିଶ୍ୱର ୬ଷ୍ଠ ସର୍ବବୃହତ୍ତ ଅର୍ଥନୀତିକୁ ଖସି ଯାଇଥିବା କୁହାଯାଇଛି। ଏହି ତାଲିକାରେ ୩୦ ଟ୍ରିଲିୟନ ଡଲାର ସହ ଆମେରିକା ସବୁଠାରୁ ଉପରେ ରହିଥିବା ବେଳେ ଚାଇନା ୧୯ରୁ ୨୦ ଟ୍ରିଲିୟନ ଡଲାର ସହ ଦ୍ୱିତୀୟ, ୫ ଟ୍ରିଲିୟନ ଡଲାର ସହ ଜର୍ମାନୀ ତୃତୀୟ, ଜାପାନ ଓ ବ୍ରିଟେନ ପ୍ରାୟ ୪ରୁ ୪.୫ ଟ୍ରିଲିୟନ ଡଲାର ସହ ୪ର୍ଥ ଏବଂ ୫ମ ସ୍ଥାନରେ ରହିଛନ୍ତି। ଭାରତ ୪ ଟ୍ରିଲିୟନ ଡଲାରରୁ ସାମାନ୍ୟ ଉପରେ ରହି ୬ଷ୍ଠ ସ୍ଥାନକୁ ଖସି ଯାଇଛି। ବିଶ୍ୱ ଜିଡିପି ରାଙ୍କିଂ ଆମେରିକୀୟ ଡଲାର ଆଧାରରେ ହୋଇଥାଏ। ଅର୍ଥାତ ମୁଦ୍ରା ଅଦଳବଦଳ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏବେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହୋଇ ପଡିଛି। ଭାରତର ଘରୋଇ ଉତ୍ପାଦନ ପୂର୍ବଭଳି ରହିଥିଲେ ହେଁ ଡଲାରର ମୂଲ୍ୟ ଅଧିକ ଥିବାରୁ ଭାରତର ଅର୍ଥନୀତିକ ଆଉଟପୁଟ ହ୍ରାସ ପାଇଛି।

ଗୋଟିଏ ବର୍ଷ ମଧ୍ୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୦ରୁ ଯାଇ ୯୦ ପଏଣ୍ଟ ପାର କରି ସାରିଛି। ତେଣୁ ଡଲାର ଆଧାରରେ ପ୍ରସ୍ତୁତ ଅର୍ଥନୀତିରେ ଭାରତର ମାନ୍ୟତା କମି ଯାଇଛି।

ନୋମିନାଲ ଜିଡିପି ହେଉଛି ଏକ ନିର୍ଦ୍ଦିଷ୍ଟ ବର୍ଷ ମଧ୍ୟରେ ଦେଶର ସୀମା ଭିତରେ ଉତ୍ପାଦିତ ସମସ୍ତ ଦ୍ରବ୍ୟ ଓ ସେବାଗୁଡ଼ିକର ସାମ୍ପ୍ରତିକ ବଜାର ମୂଲ୍ୟ। ଏଥିରେ ଦ୍ରବ୍ୟ ଓ ସେବାର ମୂଲ୍ୟକୁ ଚଳିତ ବର୍ଷର ବଜାର ଦର ଅନୁସାରେ ଗଣନା କରାଯାଏ।ନୋମିନାଲ ଜିଡିପି ଗଣନା କରିବା ସମୟରେ ମୁଦ୍ରାସ୍ଫୀତି ବା ଦରବୃଦ୍ଧିକୁ ବାଦ ଦିଆଯାଏ ନାହିଁ। ଯଦି ବସ୍ତୁର ଉତ୍ପାଦନ ନ ବଢ଼ି କେବଳ ବଜାର ଦର ବଢ଼ିଯାଏ, ତେବେ ମଧ୍ୟ ନୋମିନାଲ ଜିଡିପି ବୃଦ୍ଧି ପାଇଥାଏ। ଏହା ଅର୍ଥ ବ୍ୟବସ୍ଥାର ବର୍ତ୍ତମାନର ସ୍ଥିତିକୁ ଦର୍ଶାଏ, କିନ୍ତୁ ବିଭିନ୍ନ ବର୍ଷ ମଧ୍ୟରେ ପ୍ରକୃତ ଅଭିବୃଦ୍ଧି ଜାଣିବା ପାଇଁ ଏହା ସବୁବେଳେ ସଠିକ ମାପକାଠି ନୁହେଁ।